ପଞ୍ଜାବ ରାଜ୍ୟ

ବନାମ

ଗୁର୍ଦିଆଲ ସିଂ ଇତ୍ୟାଦି

26 ଜୁଲାଇ, 1995

[କେ. ରାମସ୍ୱାମୀ ଏବଂ କେ. ଏସ. ପରିପୂର୍ଣ୍ଣନ, ନ୍ୟାୟମୂର୍ତ୍ତିଦ୍ୱୟ]

*ଭୂମି ଅଧିଗ୍ରହଣ ଅଧିନିୟମ, 1894*

*ଭୂମି ଅଧିଗ୍ରହଣ- କ୍ଷତିପୂରଣ- ପୂର୍ବ ରାୟ ଆଧାରରେ ଦାବି କରାଯାଇଥିବା ଆଶ୍ୱସ୍ତି- ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଏକ ସ୍ଥିର ହାରରେ କ୍ଷତିପୂରଣର ପରିଣାମସ୍ୱରୂପ ନିର୍ଣ୍ଣୟ - ବିରୁଦ୍ଧରେ ଆବେଦନ - ଖାରଜ କରାଯାଇଛି କାରଣ ନା ନିଷ୍ପତ୍ତି ଉପରେ ନିର୍ଭର କରାଯାଇଥିଲା ନା ସେହି ରାୟ ବିରୁଦ୍ଧରେ ଆବେଦନ ଦାଖଲ କରାଯାଇଥିଲା କି ନା ତା'ଉପରେ କିଛି ଅଭିଲେଖରେ ଅଣାଯାଇଥିଲା ।*

**ଅଧିଗ୍ରହଣ କରାଯାଇଥିବା ଜମି ପାଇଁ ଅଧିକ କ୍ଷତିପୂରଣ ଦାବି କରି ଉଚ୍ଚ ନ୍ୟାୟାଳୟରେ ଏକ ଆବେଦନରେ ଦାବିଦାରମାନେ ଏବଂ ରାଜ୍ୟ ଉଚ୍ଚ ନ୍ୟାୟାଳୟର ପୂର୍ବ ରାୟ ଅର୍ଥାତ୍** ***ପଞ୍ଜାବ ରାଜ୍ୟ ବନାମ ଚାନ୍ଦ ସିଂହ,*** **ତା 23 ଅଗଷ୍ଟ 1979 ରିଖର ଆର.ଏଫ.ଏ. ସଂଖ୍ୟା 1413/77 ଉପରେ ନିର୍ଭର କରିଥିଲେ ଏବଂ ନ୍ୟାୟାଳୟକୁ ମାମଲାର ଫଏସଲା କରିବାକୁ ଅନୁରୋଧ କରିଥିଲେ । ତଦନୁସାରେ, ଉଚ୍ଚ ନ୍ୟାୟାଳୟର ଜଣେ ଏକକ ବିଚାରପତି ସମଗ୍ର ଜମିର ପ୍ରତି ଏକରକୁ 7,000 ଟଙ୍କା ମୂଲ୍ୟରେ କ୍ଷତିପୂରଣ ସ୍ଥିର କରିଥିଲେ । ଉଚ୍ଚ ନ୍ୟାୟାଳୟର ଦୁଇଜଣିଆ ଖଣ୍ଡପୀଠ ସେହି ଆବେଦନକୁ ଖାରଜ କରିଦେଇଥିଲେ ଯାହା ବିରୁଦ୍ଧରେ ଏହି ନ୍ୟାୟାଳୟରେ ଏକ ଆବେଦନ କରାଯାଇଥିଲା ।**

**ଏହି ଆବେଦନକୁ ଖାରଜ କରି, ଏହି ନ୍ୟାୟାଳୟ**

**କହିଲେ: ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଯେ ରାଜ୍ୟ** ***ଚାନ୍ଦ ସିଂହଙ୍କ*** **ମାମଲାରେ ଦୁଇଜଣିଆ ଖଣ୍ଡପୀଠର ନିଷ୍ପତ୍ତିକୁ ଏହି ନ୍ୟାୟାଳୟରେ ଆବେଦନରେ କାର୍ଯ୍ୟକାରୀ କରିଛି କି ନାହିଁ ଏବଂ ଯଦି କରିଛି ତେବେ ଏହାର ଫଳାଫଳ କ'ଣ ହୋଇଛି ସେ ବିଷୟରେ କିଛି ଅଭିଲେଖରେ ରଖାଯାଇନାହିଁ । ଏହା ବ୍ୟତୀତ, ସେହି ରାୟକୁ ମଧ୍ୟ ଅଭିଲେଖର ଅଂଶ କରାଯାଇନାହିଁ । ତେଣୁ, ଏକ ଏକର ପ୍ରତି 70,000 ଟଙ୍କା ଏକ ସ୍ଥିର ହାରରେ ନିର୍ଣ୍ଣୟ ଉପଯୁକ୍ତ କ୍ଷତିପୂରଣ କି ନାହିଁ ତାହା ଏହି ନ୍ୟାୟାଳୟ ପାଇଁ ପାଇବା କଷ୍ଟକର ହେବ । ଉପରୋକ୍ତ କାରଣଗୁଡ଼ିକ ପାଇଁ ଆବେଦନକୁ ଖାରଜ କରାଯାଉଛି ।**

ଦେୱାନୀ ଆବେଦନ ଅଧିକାରିତା: ଦେୱାନୀ ଆବେଦନ ସଂଖ୍ୟା 1904/1980

ଆର.ଏଫ.ଏ. ସଂଖ୍ୟା 1434/1977 ରେ ଏଲ.ପି.ଏ. ସଂଖ୍ୟା 306/79 ରେ ପଞ୍ଜାବ ଏବଂ ହରିୟାଣା ନ୍ୟାୟାଳୟର ତା 28.1.80 ରିଖର ରାୟ ଏବଂ ଆଦେଶରୁ ।

ଏଥି ସହିତ

ଦେୱାନୀ ବିବିଧ ଆବେଦନ ସଂଖ୍ୟା 6336/1980

ଆବେଦନକାରୀଙ୍କ ପକ୍ଷରୁ ରଣବୀର ଯାଦବ ଏବଂ ଜିକେ ବଂଶଲ ।

ପ୍ରତିବାଦୀ ସଂଖ୍ୟା 2 ପକ୍ଷରୁ ମନୀଷ କୃଷ୍ଣ ଚୌଧୁରୀ ଏବଂ ଏସ.କେ. ବର୍ମା ।

ପ୍ରତିବାଦୀ ସଂଖ୍ୟା 1, 3-6 ପକ୍ଷରୁ ଏସ. ସି. ପଟେଲ ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା:

ଜମି ଅଧିଗ୍ରହଣ ଅଧିନିୟମର ଧାରା 4(1) ଅଧୀନରେ ଏକ ବିଜ୍ଞପ୍ତି 26 ଅକ୍ଟୋବର, 1971 ରେ ପଞ୍ଜାବର ରାଜ୍ୟ ରାଜପତ୍ରରେ ପ୍ରକାଶିତ ହୋଇଥିଲା ଯେଉଁଥିରେ ଏକ ମଣ୍ଡି (ବଜାର) ପ୍ରତିଷ୍ଠା ପାଇଁ 70 କେନାଲ 48 ମାର୍ଲା ଜମି ଅଧିଗ୍ରହଣ କରାଯାଇଥିଲା । ଭୂମି ଅଧିଗ୍ରହଣ ଅଧିକାରୀ 18 ଫେବୃଆରୀ, 1972 ରେ ତାଙ୍କ ଅଧିନିର୍ଣ୍ଣୟରେ ଜମିକୁ ତିନୋଟି ବର୍ଗରେ ବର୍ଗୀକୃତ କରିଥିଲେ ଏବଂ ପ୍ରତି ଏକର ପାଇଁ ଯଥାକ୍ରମେ 40,000 ଟଙ୍କା, 20,000 ଟଙ୍କା ଏବଂ 10,000 ଟଙ୍କା କ୍ଷତିପୂରଣ ନିର୍ଣ୍ଣୟ କରିଥିଲେ । ଧାରା 18 ଅଧୀନରେ ବିଚାରାର୍ଥେ ପ୍ରେରଣରେ, ଅତିରିକ୍ତ ଜିଲ୍ଲା ଜଜ 3 ଜୁନ 1976 ରେ ତାଙ୍କ ଅଧିନିର୍ଣ୍ଣୟ ଏବଂ ଡିକ୍ରିରେ ଜମିକୁ 5 ବର୍ଗରେ ବର୍ଗୀକୃତ କରିଥିଲେ ଏବଂ ପ୍ରତି ଏକର ପାଇଁ ଯଥାକ୍ରମେ 65,000, 50,000, 25,000, 20,000 ଏବଂ 15,000 ଟଙ୍କା କ୍ଷତିପୂରଣ ନିର୍ଣ୍ଣୟ କରିଥିଲେ । ଏଥିରେ ବ୍ୟଥିତ ହୋଇ, ଦାବିଦାରମାନେ ଆବେଦନ ଦାଖଲ କରିଥିଲେ । ମାନ୍ୟବର ଏକକ ବିଚାରପତି 31 ଅଗଷ୍ଟ, 1979 ରେ ତାଙ୍କ ରାୟ ଏବଂ ଡିକ୍ରି ଦ୍ୱାରା ସମଗ୍ର ଜମିର ପ୍ରତି ଏକର ପାଇଁ 70,000 ଟଙ୍କା କ୍ଷତିପୂରଣ ସ୍ଥିର କରିଥିଲେ । ମାନ୍ୟବର ଏକକ ବିଚାରପତି ରାୟରେ ଉଲ୍ଲେଖ କରିଛନ୍ତି ଯେ ରାଜ୍ୟ ଏବଂ ଦାବିଦାରଙ୍କ ଓକିଲ ଏକମତ ହୋଇଛନ୍ତି ଯେ ଆବେଦନରେ ଉଠାଯାଇଥିବା ପ୍ରସଙ୍ଗଟି 23 ଅଗଷ୍ଟ, 1979 ରେ *ପଞ୍ଜାବ ରାଜ୍ୟ* ବନାମ *ଚାନ୍ଦ ସିଂହ*, ଆର.ଏଫ.ଏ. ସଂଖ୍ୟା 1413/77 ରେ ସେହି ନ୍ୟାୟାଳୟର ନିଷ୍ପତ୍ତି ଦ୍ୱାରା ସମ୍ପୂର୍ଣ୍ଣ ଭାବରେ ଅନ୍ତର୍ଭୁକ୍ତ ହୋଇଥିଲା । ସେହି ରାୟ ପରେ ରାଜ୍ୟର ଆବେଦନ ଏବଂ ଦାବିଦାରଙ୍କ ଆପତ୍ତିଗୁଡ଼ିକର ଫଏସଲା କରାଯାଇଥିଲା । ଦୁଇଜଣିଆ ଖଣ୍ଡପୀଠ ଆବେଦନକୁ ଖାରଜ କରିଦେଇଥିଲେ । ତେଣୁ, ସ୍ୱତନ୍ତ୍ର ଅନୁମତି ଦ୍ୱାରା ଏହି ଆବେଦନଟି ।

ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଯେ ରାଜ୍ୟ *ଚାନ୍ଦ ସିଂହଙ୍କ* ମାମଲାରେ ଦୁଇଜଣିଆ ଖଣ୍ଡପୀଠର ନିଷ୍ପତ୍ତିକୁ ଏହି ନ୍ୟାୟାଳୟରେ ଆବେଦନ କରି କାର୍ଯ୍ୟକାରୀ କରିଛି କି ନାହିଁ ଏବଂ ଯଦି କରିଛି ତେବେ ତାହାର ଫଳାଫଳ କ'ଣ ହୋଇଛି ସେ ବିଷୟରେ କୌଣସି ତଥ୍ୟ ଅଭିଲେଖରେ ରଖାଯାଇନାହିଁ । ଏହା ବ୍ୟତୀତ, ସେହି ରାୟକୁ ମଧ୍ୟ ଅଭିଲେଖର ଅଂଶ କରାଯାଇନାହିଁ । ତେଣୁ, ଆମ୍ଭେ ଜାଣିବା ସ୍ଥିତିରେ ନାହୁଁ ଯେ ମାନ୍ୟବର ବିଚାରପତି କେଉଁ ନୀତିରେ ସମଗ୍ର ଜମି ପାଇଁ ଏକ ସମ ଦର ପ୍ରଦାନ କରିଥିଲେ । କିନ୍ତୁ ଏହି ମାମଲାରେ ଯେହେତୁ ଦାବିଦାର ଏବଂ ରାଜ୍ୟ ଉକ୍ତ ରାୟ ଉପରେ ନିର୍ଭର କରିଥିଲେ ଏବଂ ନ୍ୟାୟାଳୟକୁ ଏହାର ପରିପ୍ରେକ୍ଷୀରେ ମାମଲାର ଫଏସଲା କରିବାକୁ ଅନୁରୋଧ କରିଥିଲେ, ଅଭିଲେଖରେ କୌଣସି ତଥ୍ୟ ବିନା, ଏହି ନ୍ୟାୟାଳୟ ପକ୍ଷରେ ଏହା ପାଇବା କଷ୍ଟକର ହେବ ଯେ ପ୍ରତି ଏକରକୁ 70,000 ଟଙ୍କା ଏବଂ ଏକ ସମ ଦରର ନିର୍ଣ୍ଣୟ ଉପଯୁକ୍ତ କ୍ଷତିପୂରଣ ଥିଲା କି ନାହିଁ । ତେଣୁ, ଉପରୋକ୍ତ କାରଣଗୁଡ଼ିକ ପାଇଁ ଆମ୍ଭେ ଆବେଦନକୁ ଖାରଜ କରିବାକୁ ବାଧ୍ୟ । କୌଣସି ଖର୍ଚ୍ଚ ନାହିଁ ।

ଯେହେତୁ ଅଭିଲେଖଟି ମୁଦ୍ରିତ ହୋଇନାହିଁ, ତେଣୁ ରେଜିଷ୍ଟ୍ରିକୁ ମୁଦ୍ରଣ ଖର୍ଚ୍ଚମୂଲ୍ୟ ଫେରସ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

ଟି.ଏନ.ଏ.

ଆବେଦନ ଖାରଜ ହୋଇଛି ।

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମୋକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦିକା : ଶ୍ରୀମତୀ ଜୟା ମୁଖାର୍ଜୀ,**

**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ**